ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା

# ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ



ବଳଙ୍ଗା, ୨୨।୬(ସମିସ):

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଶାତଶଙ୍ଖ ଠାରୁ ବଳଙ୍ଗା ରାସ୍ତାର ୭ କିଲୋମିଟର ଦୂର ରୁପଦେଇପୁର ଗ୍ରାମରେ ପ୍ରାୟ ଶୋଢଷ ଶତାବ୍ଦୀରେ ପ୍ରତିଷ୍ଠିତ ମନ୍ଦିରରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ମୂର୍ତ୍ତୀ ପୂଜିତ ହେଉଛନ୍ତି। ସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରତ୍ୟୁଷରୁ ସେବାୟତ ମାନଙ୍କ ଦ୍ୱାରା ଗ୍ରାମ ନିକଟରେ ଥିବା ଭାର୍ଗବୀ ନଦୀରୁ ୧୦୮ ଟି ମାଟି କଳସରେ ପାଣି ଅଣାଯାଇଥିଲା। ସେବାୟତ ଓ ବ୍ରାହ୍ମଣମାନଙ୍କ ମିଳିତ ସହଯୋଗ ରେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯିବା ପରେ କଳସରେ ଥିବା ନଦୀ ଜଳରେ ସୁଗନ୍ଧିତ ଦ୍ରବ୍ୟ ପକାଯାଇ ସ୍ନାନ କରାଯାଇ ନିତିକ୍ରାନ୍ତି ଆରମ୍ଭ ହୋଇଥିଲା।ଗ୍ରାମର ବ୍ରାହ୍ମଣ ମହାଜନଙ୍କ ଘରୁ ପାରମ୍ପରିକ ବେତ ଟୋକେଇରେ ଚୁଡା ଘଷା, ଖଇ, ବିଭିନ୍ନ ପ୍ରକାରର ଫଳ, ପିଠା ପ୍ରଭୃତି ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ହାତୀ, ପଦ୍ମ, ତୁଳସୀ ବେଶରେ ଶ୍ରୀଜୀଉମାନଙ୍କୁ ସଜ୍ଜିତ କରାଯାଇଥିଲା। ସ୍ନାନ ମଣ୍ଡପ ସମ୍ମୁଖରେ ଗୋଟିପୁଅ ନୃତ୍ୟ ସହିତ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଏ। ନାଗାନୃତ୍ୟ ଦେଖିବା ପରେ ଶ୍ରୀଜୀଉ ମାନେ ସୋମବାର ପ୍ରତ୍ୟୁଷରେ ଅଣସର ପିଣ୍ଡିକୁ ବିଜେ କରିବେ। ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କର ଦୁର୍ଲଭ ବେଶ ଦର୍ଶନ ଲାଗି ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



ପିପିଲି: ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠସ୍ଥ ବାଲିଗାଁ ଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ସ୍ନାନ ପର୍ବ ଅନୁଷ୍ଠିତ ହୋଇଯାଇଅଛି।ଭକ୍ତ ଦାସିଆ ସ୍ମୃତି କମିଟିର ସଦସ୍ୟମାନେ ପ୍ରାତଃ ୫ଘ.ରେ ସ୍ନାନ ମଣ୍ଡପରେ ପବିତ୍ରକରଣ ହୋମ କାର୍ଯ୍ୟରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଡଃ ଚିତ୍ତରଞ୍ଜନ ମିଶ୍ର ଓ ସହଧର୍ମିଣୀ ସବିତା ଦାସ, କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ସକାଳ ୬.୪୫ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହକୁ ଗୋଟି ପହଣ୍ଡିରେ ନିଆଯାଇ ସ୍ନାନ ବେଦୀରେ ଅବସ୍ଥାପନ କରାଯାଇଥିଲା। ଭକ୍ତ ଦାସିଆ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘର ଆଞ୍ଚଳିକ ସଭାପତି ଯୋଗେନ୍ଦ୍ର କୁମାର ସାହୁ, କବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ନାମ ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ, ତୁରୀ, ଆଦି ବିଭିନ୍ନ ବାଦ୍ୟଯନ୍ତ୍ର ସହ ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶରେ ପହଣ୍ଡି କାର୍ଯ୍ୟ ସମାପନ ହୋଇଥିଲା। ପ୍ରଭୁଙ୍କ ମଙ୍ଗଳ ଆଳତୀ, ୧୦୮ ଗରା ସୁବିସିତ ଜଳରେ ସ୍ନାନ, ନୂତନ ବସ୍ତ୍ର ପରିଧାନ, ବାଳଭୋଗ, ଛେରାପହଁରା, ଗଜାନନ ବେଶ, ମଧ୍ୟାହ୍ନ ଅନ୍ନଭୋଗ ଓ ଆଧ୍ୟାତ୍ମିକ ପତ୍ରିକା 'ଭାବକୁ ନିକଟ'ର ଲୋକାର୍ପଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀ, କାର୍ଯ୍ୟକାରୀ ସଭାପତି ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ - ଅର୍ଜୁନ ଚରଣ ସାମଲ, ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ବିନାୟକ ରଥ, କୁଳସଚିବ ନାଇଜର ଡଃ ଅଭୟ କୁମାର ନାୟକ, ଡଃ ଦୁର୍ଗାପ୍ରସାଦ ମିଶ୍ର, ଇଂ ବସନ୍ତ କୁମାର ମିଶ୍ର, ପ୍ରଫେସର ବୃନ୍ଦାବନ ଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ମହାନ୍ତି, ପ୍ରତାପ ଚନ୍ଦ୍ର ସିଂ, ସ୍ୱଚ୍ଛ ଶିଶିର ଦାସ, ସୁକାନ୍ତ କୁମାର ପଣ୍ଡା, ଭୀମସେନ ମେକାପ ପ୍ରମୁଖ ସଦସ୍ୟ ଅଂଶଗ୍ରହଣ କରିଥିଲେ। ରାତ୍ର ୧୦ଟା ମହାପ୍ରଭୁଙ୍କ ଅଣସର ଘରକୁ ବିଜେ କରାଯାଇଥିଲା।

ବାଙ୍ଗୁରିଗାଁ :କାକଟପୁର ବ୍ଲକ ଅନ୍ତର୍ଗତ ପ୍ରାଚୀ ଶ୍ରୀକ୍ଷେତ୍ର ଆନନ୍ଦବଜାର ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅବସରରେ ଠାକୁରଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ପରେ ପୂଜା ପଣ୍ଡା ମନ୍ଦିରର ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ଠାକୁରଙ୍କୁ ସ୍ନାନ କରାଇଥିଲେ।ଶହଶହ ଭକ୍ତଙ୍କୁ ହାତୀ ବେଶରେ ଚତୁର୍ଦ୍ଧା ମୁରତି ଦର୍ଶନ ଦେଇଥିଲେ। ଏହି ମନ୍ଦିରରେ ଠାକୁରଙ୍କ ସମସ୍ତ କାର୍ଯ୍ୟ ଶ୍ରୀକ୍ଷେତ୍ର ପୁରୀର ରୀତିନୀତି ଅନୁଯାଇ କରାଯାଏ ବୋଲି ସଭାପତି ବିଚିତ୍ରାନନ୍ଦ ନାୟକ କହିଛନ୍ତି।





ଚାରିଛକ : ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଚାରିଛକ ନିକଟସ୍ଥ ଓରପଟ ଗ୍ରାମର ଜଗନ୍ନାଥଙ୍କ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତୀ ୧୦୮ କଳସ ଜଳରେ ସ୍ନାନ କରିଥିଲେ। ପରମ୍ପରା ଅନୁଯାଇ ଦେବସ୍ନାହ୍ନ ପୂର୍ଣ୍ଣିମାରେ ଅବକାଶ ମୈଲମ, ତଡପ ପରେ ଆଳତି କରାଯାଇଥିଲା। ସକାଳେ ଠାକୁରଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇ ନୂତନ ବସ୍ଥଲାଗି ପିନ୍ଧାଯାଇ ଫଳ ତୁଳସୀମାଳ ଅଳଙ୍କାର ଲାଗି କରାଯାଇ ହାତୀ ବେଶରେ ସଜିତ କରାଯାଇଥିଲା। ଉପଚାର ଦ୍ୱାରପାଳ ପୂଜା ଭଲ୍ଲବ କରାଯିବା ପରେ ଅପରାହ୍ନରେ ଅନ୍ନଭୋଗ କରାଯାଇଥିଲା। ପୂଜକ ରକୁନ ହୋତା, ବିଷ୍ଣୁ ପ୍ରସାଦ ଦାଶ, ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମାପନ ହୋଇଥିଲା। ଆଜି ଠାରୁ ଠାକୁର ୧୫ ଦିନ ପାଇଁ ଅଣସର ଘରେ ପୂଜା ପାଇବେ। ରଥଯାତ୍ରାରେ ଭକ୍ତମାନଙ୍କୁ ଦର୍ଶନ ଦେଇ ମନ୍ଦିରକୁ ପ୍ରବେଶ କରିବେ ବୋଲି ପ୍ରକାଶ କରିଛନ୍ତି। ଏଥିରେ ମନ୍ଦିର ଟ୍ରଷ୍ଟି ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ ସଞ୍ଜୟ ନାୟକ, ବିଜୟ କୁମାର ନାୟକ, ମିହିର ରଞ୍ଜନ ପତ୍ତନାୟକ, ରାମଚନ୍ଦ୍ର ଜେନା, କୈଳାଶ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ଓଝା, ଚିତ୍ତରଞ୍ଜନ ଜେନା, ବିଷ୍ଣୁ ଚରଣ ଜେନା, ସୁବାସ ଚନ୍ଦ୍ର ଜେନା, ବିଭୁତି ପଟ୍ଟନାୟ.ଘଣ୍ଟୁଆ ସେବକ କ୍ଷେତ୍ର ମୋହନ ଦାଶ ଓ ନୀରଞ୍ଜନ ବାଘ ପ୍ରମୁଖ ସହଯୋଗ କରିଥିଲେ।

ସାକ୍ଷୀଗୋପାଳ : ସତ୍ୟବାଦୀରେ ବିଭିନ୍ନ ସ୍ଥାନରେ ସ୍ନାନପୂର୍ଣ୍ଣମୀ ପାଳିତ ହୋଇଯାଇଛି। ବିଶେଷ କରି ଶ୍ରୀ ଜଗନ୍ନାଥଙ୍କ ଅଜା ଭାବରେ ସତ୍ୟବାଦୀର ବକୁଳବନରେ ପୂଜାପାଉଥିବା ସିଦ୍ଧବଳରାମ ଠାକୁର ବେଶ ଜଣାଶୁଣା। ସକାଳେ ଠାକୁରଙ୍କ ପ୍ରତିଦିନ ଭଳି ନୀତିକାନ୍ତି ସେବାୟକମାନେ କରିଥିଲେ। ପରେ ଠାକୁରଙ୍କୁ ବାଳଭୋଗ କରାଯାଇଥିଲା। ମନ୍ଦିର ନିକଟରେ ଥିବା ସ୍ନାନ ମଣ୍ଡପରେ ହୋମ କରାଯାଇଥିଲା। ଠାକୁରଙ୍କ ନିକଟରେ ଚକାଖେଚୁଡି ଭୋଗ କରାଯିବା ପରେ ସେବାୟତମାନେ ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ। ସୁଗନ୍ଧିତ ଅଭିମନ୍ତ୍ରିତ ଜଳରେ ସୋମନାଥ ମହାପାତ୍ର, ଲୋକନାଥ ମହାପାତ୍ର, ରାଧାନାଥ ମହାପାତ୍ର, କେଶବ ମହାପାତ୍ର ଓ ଚନ୍ଦ୍ରଶେଖର ମହାପାତ୍ର ଠାକୁରଙ୍କୁ ସ୍ନାନ କରାଇଥିଲେ। ଠାକୁରଙ୍କୁ ନୂତନବସ୍ତ୍ର ପରିଧାନ ପରେ ଟାହିଆ, ତୁଳସୀ ଫୁଲମାଳ ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ବାଳଭୋଗ ଓ ଦୀପ ଦେଇ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଆଳତୀ ରାତିରେ ବାଳଭୋଗ କରାଯିବା ପରେ ଅଣସର ଘରକୁ ଠାକୁରଙ୍କୁ ସେବାୟତ ମାନେ ବିଜେ କରାଇଥିଲେ। ସେହିପରି ସାକ୍ଷୀଗୋପିନାଥଙ୍କ ସିଂହାସନ ନିକଟରେ ପୂଜା ପାଉଥିବା ଜଗନ୍ନାଥ ଭକ୍ତଙ୍କୁ ସ୍ନାନମଣ୍ଡପରେ ଦର୍ଶନ ଦେଇଛନ୍ତି। ଠାକୁରଙ୍କ ନୀତିକାନ୍ତି ସରିବା ପରେ ସେବାୟତ ମାନେ ଠାକୁରଙ୍କୁ ପହଣ୍ଡି କରି ସ୍ନାନମଣ୍ଡପକୁ ବିଜେ କରାଇଥିଲେ। କାଳୀପୂଜା ସରିବା ପରେ ମା' ରାଧାରାଣି ପ୍ରଭୁ କୃଷ୍ଣଙ୍କୁ ସେବାୟତମାନେ ସ୍ନାନ କରାଇଥିଲେ। ପରେ ନୂତନବସ୍ତ୍ର ପରିଧାନ, ତୁଳସୀ, ଫୁଲ, ଚନ୍ଦନ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଜାତଭୋଗ ସରିବା ପରେ ଠାକୁରଙ୍କୁ ସେବାୟତମାନେ ଅଣସରଘରକୁ ବିଜେ କରାଇଥିଲେ ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି। ସେହିପରି ଗବକୁଣ୍ଡ ସ୍ଥିତ ନୂଆନଇ କୂଳରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।ସେହିପରି ଅନୁରୂପ ଭାବରେ ରାଇଚକ୍ରଧରପୁର ଶାସନରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଓ ସାରଙ୍ଗଯୋଡି ମେଳଣ ପଡ଼ିଆରେ ଥିବା ପତିତପାବନ, କାଞ୍ଜିଆସ୍ଥିତ ବାଲିବାଟି ମଠ, ଶୁକଳ ପତିତପାବନ ପୀଠରେ ସେବାୟତଙ୍କ ସହଯୋଗରେ ସଂକୀର୍ତ୍ତନ, ଦ୍ୱାର ଫିଟା, ଆଳତୀ, ଅବକାଶ ପରେ ମନ୍ତ୍ରିତସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରିବା ପରେ ନୂତନବସ୍ତ୍ର, ତୁଳସୀ, ଫଳ, ଚନ୍ଦନଲାଗି କରାଯିବା ପରେ ଚକାଛଡା ଖେଚୁଡି ଭୋଗ କରାଯିବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ସାହାଣ ଦର୍ଶନ ପାଇଁ ଦ୍ୱାର ଖୋଲା ଯାଇଥିଲା। ସନ୍ଧ୍ୟାରେ ନୀତିକାନ୍ତି ସରିବା ପରେ ଠାକୁରଙ୍କୁ ଅଣସରପିଣ୍ଡିକୁ ବିଜେ କରାଯାଇଥିଲା।



ନିମାପଡ଼ା: ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ପ୍ରାଚୀ ଉପତ୍ୟକାର ବନ୍ଦେଶ୍ୱର ଗ୍ରାମରେ ପୂଜା ପାଉଥିବା ଶ୍ରୀଗୁରୁଦେବ ଠାକୁରଙ୍କ ସ୍ନାନ ଉତ୍ସବ ପାରମ୍ପରିକ ପ୍ରଥାନୁସାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁରୁଦେବ ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ ନୀତି ପରେ ବାଳ ଭୋଗ ଅର୍ପଣ କରାଯାଇଥିଲା। ତା ପରେ ପୂଜକ କୈଳାସ ପାଣି, ପୂର୍ଣ୍ଣ ପାଣି, ପ୍ରମୋଦ ପାଣି ପ୍ରମୁଖ ଠାକୁରଙ୍କୁ ଶୁନ୍ୟ ପହଣ୍ଡିରେ ମନ୍ଦିର ଭିତରୁ ସ୍ନାନ ମଣ୍ଡପକୁ ନେଇଥିଲେ। ସେଠାରେ ପୁଣ୍ୟତୋୟା ପ୍ରାଚୀ ନଦୀରୁ ଅଣା ଯାଇଥିବା ୧୦୮ କଳସ ଶୁଦ୍ଧ ପାଣିରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଏହି ଅବସରରେ ସ୍ନାନ ମଣ୍ଡପରେ



ଯଜ୍ଞ ଓ ଭଗବତ ଗୀତା ପାଠ କରାଯାଇଥିଲା। କର୍ତ୍ତାଭାବେ ତୁଳସୀପୁର ଗ୍ରାମର ଅବନୀନ୍ଦ୍ର ତ୍ରିପାଠୀ କାର୍ଯ୍ୟ କରିଥିବା ବେଳେ ପଣ୍ଡିତ ସହଦେବ ମିଶ୍ର ଓ ଚନ୍ଦ୍ର ଶେଖର ମହାପାତ୍ରଙ୍କ ଦ୍ୱାରା ଯଜ୍ଞ କରାଯାଇଥିଲା। ପଣ୍ଡିତ ବିଦ୍ୟା ଭୂଷଣ ମିଶ୍ର ଠାକୁରଙ୍କ ସ୍ନାନନୀତି କରିଥିବା ବେଳେ ପୂଜକ ଚୈତନ୍ୟ ପାଣି ଠାକୁରଙ୍କ ପୂଜା ନୀତି କରିଥିଲେ। ସ୍ନାନ ପରେ ଠାକୁରଙ୍କୁ ନବ ବସ୍ତ୍ର, ପୁଷ୍ପମାଳ ପିନ୍ଧାଯାଇଥିଲା। ଅନ୍ନପ୍ରସାଦ ଭୋଗ ଲାଗି କରାଯିବା ପରେ ଠାକୁରଙ୍କୁ ଅଣସର ଗୃହକୁ ନିଆ ଯାଇଥିଲା। ସ୍ନାନ ଉତ୍ସବ ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳଗହଳି ହୋଇଥିଲା।

ପିପିଲି: ପିପିଲି ବ୍ଲକ ଅନ୍ତର୍ଗତ ଦୁର୍ଗାଦାସପୁରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ନାନମଣ୍ଡପରେ ବିଗ୍ରହଙ୍କୁ ଦର୍ଶନ କରିବା ସହିତ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସ୍ନାନଯାତ୍ରା ଅବସରରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ବିଭିନ୍ନ ରୀତିନୀତି ଅନୁଷ୍ଠିତ ହୋଇଥିଲା।ଏହାପରେ ସ୍ନାନ ବେଦୀକୁ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ପହଣ୍ଡି କରାଯାଇ ନିଆଯାଇଥିଲା। ସ୍ନାନ ମଣ୍ଡପରେ ୧୦୬କଳସ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ନୂତନ ବସ୍ତ୍ର ପରିଧାନ ପରେ ଜଗନ୍ନାଥଙ୍କୁ ହାତୀ ବେଶରେ ସଜ୍ଜିତ କରାଯାଇ ଥିଲା। ଶେଷରେ ସମସ୍ତ ରୀତିନୀତି ସରିବା ପରେ ଗୋଟି ପହଣ୍ଡି କରାଯାଇ ବିଗ୍ରହମାନଙ୍କୁ ଅଣସର ଘରକୁ ବିଜେ କରାଯାଇଥିଲା।କାର୍ଯ୍ୟକ୍ରମକୁ ମନ୍ଦିରର ଟ୍ରଷ୍ଟି ସର୍ବେଶ୍ୱର ସାହୁ ପରିଚାଳନା କରିଥିବା ବେଳେ ଦୁର୍ଗାଦାସପୁର ଗ୍ରାମର ବ୍ରାହ୍ମଣମାନଙ୍କ ଦ୍ୱାରା ସମସ୍ତ ରୀତିନୀତି ସମ୍ପର୍ଣ୍ଣ ହୋଇଥିଲା



## ଆକ୍ରମଣରେ ନାବାଳିକା ଆହତ

ନୟାହାଟ, ୨୨।୬(ସମିସ): ନଳକୂପ ମୂଳରେ ଗାଧୋଇବାକୁ କେନ୍ଦ୍ରକରି ଦୁଇ ମହିଳା ୫ବର୍ଷର ନାବାଳିକା ଓ ତା'ର ମାଆକୁ ମାଡ଼ ମାରିବା ଘଟଣାରେ ନାବାଳିକା ଆହତ ହୋଇଛି। ପ୍ରକାଶ ଯେ ବାହାରାଣା ପଞ୍ଚାୟତ ଅନ୍ତର୍ଗତ ବିଶେଇସାଇ ଗ୍ରାମରେ ସରକାରୀ ନଳକୂପରେ ଗଙ୍ଗାଧର ଭୋଇଙ୍କ ପତ୍ନୀ ଚୁନୀ ଭୋଇ ଓ ତାଙ୍କର ୫ବର୍ଷର ଝିଅ ଶୁଭଲକ୍ଷ୍ମୀ ଭୋଇ ଗାଧୋଉଥିଲେ। ସେହି ସମୟରେ ଗ୍ରାମର ସୋମନାଥ ଭୋଇଙ୍କ ପତ୍ନୀ ବିଦ୍ୟୁଲତା ଭୋଇ ଓ ମାନସ ଭୋଇଙ୍କ ପତ୍ନୀ ଲକ୍ଷ୍ମୀ ଭୋଇ ଆସି ଚୁନୀଙ୍କୁ ତୁ ନଳକୂପ ମୂଳ ଅଳିଆ କରୁଛୁ ବୋଲି କହିଥିଲେ। ଏହି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବିଦ୍ୟୁଲତା ଭୋଇ ଓ ଲକ୍ଷ୍ମୀ ଭୋଇ ମାଆ- ଝିଅଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ୫ବର୍ଷର ଝିଅ ଶୁଭଲକ୍ଷ୍ମୀର ଆଖି ପତା, ଓଠ ଓ ନାକରେ ଆଘାତ ଲାଗିଛି। ତାକୁ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ଚାରିଛକ ଥାନା ପୁଲିସ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ମକଦ୍ଦମା କରିବା ପରିବର୍ତ୍ତେ ଘଟଣାର ସମାଧାନ ପାଇଁ ପୁଲିସ ଝିଅର ବାପା ଗଙ୍ଗା ଭୋଇ ଉପରେ ସମାଧାନ ପାଇଁ ଚାପ ପ୍ରୟୋଗ କରିବା ଗଙ୍ଗା ଭୋଇ ଅଭିଯୋଗ କରିଛନ୍ତି।ଏ ଦିଗରେ ନିମାପଡ଼ା ଡିଏସପି ଉମାକାନ୍ତ ମଲ୍ଲିକ ଦୃଷ୍ଟି ଦେବା ପାଇଁ ଆହାତ ପରିବାର ନିବେଦନ କରିଛନ୍ତି।

## ଘର ତାଲା ଭାଙ୍ଗି ଚୋରି

ନୟାହାଟ, ୨୨।୬(ସମିସ): ପୁଲିସର ପାଟ୍ରୋଲିଂ ଅଭାବରୁ ନୟାହାଟ ଅଞ୍ଚଳରେ ଘନ ଘନ ଚୋରି ହେଉଛି। ଗତ ବୁଧବାର ବିଳମ୍ବିତ ରାତ୍ରରେ ନୟାହାଟ ବଜାରର ପୁରୁଣା ପୋଷ୍ଟ ଅଫିସ ନିକଟରେ ଭଡା ଘରେ ରହୁଥିବା ନନ୍ଦିନୀ ବିଶ୍ୱାଳଙ୍କ ପରିବାର ଘର ତାଲା ପକାଇ ତାଙ୍କ ନିଜ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ସୁନା ଚେନ ଗୋଟେ, କାନଫୁଲ ଏକ ହଳ, ପାଉଜି ଦୁଇହଳ, ନଗଦ ଚାରି ହଜାର ଟଙ୍କା, ଏଲିଡି ଟିଭି, ଗ୍ୟାସ ସିଲିଣ୍ଡରଦୁଇଟି, ଚାଉଳ ଡ୍ରମ୍ ଦୁର୍ବୃତ୍ତ କଳା ରଙ୍ଗର ପଲସର ବାଇକ୍‌ରେ ବାନ୍ଧି ନେଉଥିବା ବେଳେ ସିସି ଟିଭି ରେ ଫୋଟୋ କଏଦ ହୋଇଛି। ଏସମ୍ପର୍କରେ ଘର ମାଲିକ ନନ୍ଦିନୀ ବିଶ୍ୱାଳ ନୟାହାଟ ଫାଣ୍ଡିରେ ଅଭିଯୋଗ ପରେ ଗୋପ ଥାନାରୁ ପୁଲିସ ଆସି ତଦନ୍ତ ଚଳାଇଛି।

## ସୁନା ଅଳଙ୍କାର ସଫେଇ ଆଳରେ ଲୁଟ୍

ଗୋପ, ୨୨।୬(ସମିସ): ଶନିବାର ସକାଳେ ଗୋପ ସେନାପତିସାହିରେ ସୁନା ଅଳଙ୍କାର ସଫେଇ କରିବା ନାମରେ ଦୁଇ ଜଣ ଯୁବକ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ୍ ତଦନ୍ତ ଆରମ୍ଭ କରିଥିବାବେଳେ ପୋଲିସ୍ ଲୁଟେରାଙ୍କର କୌଣସି ସନ୍ଧାନ ପାଇପାରିନାହିଁ। ସୂଚନା ମୁତାବକ ଶନିବାର ସକାଳେ ଦୁଇ ଜଣ ଯୁବକ ସେନାପତିସାହି ଗ୍ରାମରେ ପହଞ୍ଚି ରବିନାରାୟଣ ସେନାପତିଙ୍କ ପତ୍ନି ସୁକାନ୍ତି ସେନାପତିଙ୍କୁ ସୁନା ଜିନିଷ ସଫେଇ କରିବାକୁ କହିଥିଲେ। ପରେ ସୁକାନ୍ତି ହାର, ସୁନା କାନଫୁଲ, ମୁଦି ସମେତ ଅନ୍ୟାନ୍ୟ ଅଳଙ୍କାରକୁ ଦୁଇ ଜଣ ଯୁବକକୁ ଦେଇଥିବାବେଳେ ଯୁବକ ଦୁଇ ଜଣ ସଫେଇ କରିଥିଲେ। କିଛି ସମୟ ପରେ ଶୋଷ ଲାଗୁଥିବା କହି ସୁକାନ୍ତିଙ୍କୁ ପାଣି ଆଣିବାକୁ କହିଥିଲେ। ସୁକାନ୍ତି ଘରକୁ ପାଣି ଆଣିବାକୁ ଯିବା ସମୟରେ ହଠାତ୍ ଯୁବକ ଦୁଇଜଣ ଫେରାର ହୋଇଯାଇଥିଲେ। ବିଭିନ୍ନ ସ୍ଥାନ ଖୋଜ ଖବର ନେବା ପରେ କୌଣସି ସନ୍ଧାନ ନପାଇ ସୁକାନ୍ତି ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ସିସି ଟିଭି ଫୁଟେଜ ଆଧାରରେ ପୁଲିସ୍ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଯୁବକକୁ ଆକ୍ରମଣ; ୨ ଗିରଫ

ଡେଲାଙ୍ଗ, ୨୨।୬(ସମିସ): ଡେଲାଙ୍ଗ ଥାନା ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକକୁ ମରାଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଥାନାରେଅଭିଯୋଗ ହୋଇଛି।ଏନେଇ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ମିଳିଥିବା ସୂଚନା ଅନୁଯାୟୀ ଘୋରଡିଆ ଗଙ୍ଗପୁର ପାଟଣାଗ୍ରାମର ମୀର ସଲିମ୍‌ଙ୍କ ପୁଅ ମୀର ୱାସିମ୍ ଡେଲାଙ୍ଗରୁ କୁକୁଡା ଟଙ୍କା ଆଦାୟ କରି ଘରକୁ ଫେରୁଥିବା ବେଳେ ବଳିୟାରସିଂହ ସାହିରେ ମଧ୍ୟରେ ଆଲୋକ ନାୟକ ଓ ତାଙ୍କ ପରିବାର ଲୋକେ ମୀର ୱାସିମ୍‌କୁ ଅଟକାଇ ଗାଳିମନ୍ଦ କରିବା ସହିତ ତାଙ୍କ ସ୍କୁଟି ଚାବି ଛଡାଇ ନେଇ ଘରକୁ ଟେକି ନେଇଯାଇଥିଲେ। ସେଠାରେ ତାଙ୍କ ହାତ ଗୋଡ ବାନ୍ଧି ସହିତ ଗଙ୍ଗପୁରପାଟଣା ଗ୍ରାମର ଆଲୋକ ନାୟକ, ଟଲୁ ବଳିୟାରସିଂହ, ଇଲୁ ବଳିୟାରସିଂହ, ପିଣ୍ଟୁ ମିଶ୍ର, ଦିଲ୍ଲିପ ବଳିୟାରସିଂହ, କାହ୍ନୁ ବଳିୟାରସିଂହ ପ୍ରମୁଖ ଲୁହାରଡ, ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ।ଏହି ଘଟଣା ଦେଖି ୱାସିମ୍‌ଙ୍କ ସହିତ ଥିବା ତାଙ୍କ ଅନ୍ୟବନ୍ଧୁ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କ ପରିବାର ଲୋକେ ଡେଲାଙ୍ଗ ପୁଲିସଙ୍କୁ ଖବର ଦେବାରେ ଡେଲାଙ୍ଗ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଯୁବକକୁ ଉଦ୍ଧାର କରିବା ସହିତ ଚିକିତ୍ସା ପାଇଁ ଡେଲାଙ୍ଗ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କ୍ୟାପିଟାଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ପୂର୍ବଶତ୍ରୁତାକୁ ନେଇ ପୁଅକୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ପିତା ମୀର ସଲିମ୍ ଥାନାରେ ଅଭିଯୋଗ କରିଛନ୍ତି।ପୁଲିସ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପଟେ ଘୋରଡିଆରେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ୧ପ୍ଲାଟୁନ୍ ପୁଲିସ ଫୋର୍ସ ସମେତ ଥାନାଧିକାରୀ ଶ୍ରୀ ମହାନ୍ତି ଉପସ୍ଥିତ ରହିଛନ୍ତି।

## ଭାରସ୍ୟାମ ହରାଇ ରାସ୍ତା ତଳକୁ ଖସିଲା ହାଇୱା

ଅସ୍ତରଙ୍ଗ, ୨୨।୬(ସମିସ); ଅସ୍ତରଙ୍ଗ କାକଟପୁର ରାସ୍ତାର ଜିଉଁନ୍ତି ୩ ଛକ ନିକଟରେ ଆଜି ଏକ ପଥର ବୋଝେଇ ହାଇୱା ଟ୍ରକ୍ ନମ୍ବର ଓଡି୦୯-ଏଫ୦୫୬୮ ଦୁର୍ଘଟଣା ଘଟାଇଛି। ସୂଚନା ମୁତାବକ କାକଟପୁରରୁ ଅସ୍ତରଙ୍ଗ ଅଭିମୁଖେ ଆସୁଥିବା ମେଣ୍ଟାଲ ପଥର ବୋଝେଇ ହାଇୱା କୌଣସି କାରଣରୁ ଭାରସ୍ୟାମ ହରାଇ ଜିଉଁନ୍ତି ୩ ଛକ ନିକଟରେ ଥିବା ଜଳପ୍ରକଳ୍ପ କେନାଲ ନିକଟରେ ଧସି ପଶିଯାଇଛି। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଡ୍ରାଇଭର କିଛି ଗାଡିର କୌଣସି କର୍ମଚାରୀଙ୍କ କିଛି କ୍ଷତି ହୋଇନାହିଁ, ବରଂ ବିପରୀତ ଦିଗରୁ ଆସୁଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି।

## ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗର ରହିଛି ଗୁରୁ ଦାୟିତ୍ୱ

କୃଷ୍ଣପ୍ରସାଦ, ୨୨।୬(ସମିସ):ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଥିଲା। କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲା ବେଳେ ବିଜୁପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ପରିସର ମଧ୍ୟରେ ପ୍ରିନ୍ସିପାଲ ଚନ୍ଦ୍ର ଶେଖର ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଶିବିରକୁ ପ୍ରିନ୍ସିପାଲ ଶ୍ରୀ ସୁନ୍ଦରାୟ ଉଦ୍ ଘାଟନ କରି ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗ ଶିକ୍ଷାର ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଟି ଓ ପ୍ରଭାସିନୀ ବେହେରା ଉପାଧ୍ୟକ୍ଷା ରଶ୍ମିତା ଜେନା, ଆଦ୍ୟସା ମାଝୀ ଉପାଦକ୍ଷ ଗୌତମ ଦାସ, ପ୍ରହଲ୍ଲାଦ ମୁଦୁଲି, ସୁନିଲ କୁମାର ନାୟକ ଓ ଚନ୍ଦ୍ର ମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣ ବିଦ୍ୟାପୀଠ ପରିସର ମଧ୍ୟରେ ହୋଇଥିବା ଶିବିରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ମହିଳା ସ୍ୱେଚ୍ଛାସେବୀ, ବ୍ଲକ, ତହସିଲ କର୍ମଚାରୀ ଭାଗ ନେଇଥିଲେ। ଶିବିର ପରିଚାଳନାରେ ସିପି ପ୍ରଭାତ କୁମାର ଜେନା, ଏପିଓ ଅଭିନ୍ନ କୁମାର ପଲେଇ, ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ବ୍ଲକ ମୁଖ୍ୟଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ବେହେରା, କାଶିମ ମହମ୍ମଦ, ସୌଭାଗ୍ୟ କୁମାର ବଳିୟାରସିଂହ, ଆଲୋକ କୁମାର ଖୁଣ୍ଟିଆ ସମେତ ଶତାଧିକ ଯୋଗ ସାଧନା କରିଥିଲେ। ହରିହର ବିଦ୍ୟାପୀଠ ପରିସରରେ ଆୟୋଜିତ ଯୋଗ ଦିବସରେ ପ୍ରଦୀପ୍ତ କୁମାର ବେହେରା, ବିନୋଦ କୁମାର ପଲେଇ, ନବକିଶୋର ଜେନା, ବାପୁଜି ବେହେରା, ପ୍ରକାଶ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଚୋରକୁ କାବୁ କଲେ ଲୋକେ

ନୂଆପଲମହାଟ, ୨୨।୬(ସମିସ): ନୟାହାଟ ହାଇସ୍କୁଲ୍ ନିକଟରେ ଥିବା ଏନ୍‌ଟିଏମ କମ୍ପୁଟର ତାଲିମ୍ କେନ୍ଦ୍ରକୁ . ଛାତ୍ରଛାତ୍ରୀମାନେ କମ୍ପୁଟର ଶିକ୍ଷା ପାଇଁ ଆସନ୍ତି। ଗତ ଏକ ବର୍ଷ ମଧ୍ୟରେ ଚାରିରୁ ପାଞ୍ଚ ଥର ଛାତ୍ରଛାତ୍ରୀଙ୍କ ସାଇକେଲ ଚୋରି ହେଲାଣି। ଏ ବାବତରେ ନୟାହାଟ ଫାଣ୍ଡିରେ ବାରମ୍ବାର ଅଭିଯୋଗ ହୋଇଛି। କିନ୍ତୁ ପୁଲିସ ଏ ଦିଗରେ କୌଣସି ତତ୍ପର ଦେଖାଉନି। ଶୁକ୍ରବାର କାଳନ୍ଦି ଡ୍ରାଇଭର୍‌ଙ୍କ ଘରୁ କୁଲର୍, ଗ୍ୟାସ୍ ଟାଙ୍କି, ଗ୍ରାଇଣ୍ଡର୍, ଚାଉଳ, ଟିଭି ଆଦି ଚୋରି ହୋଇଛି। ଶନିବାର ଧୁମାଳ ଗ୍ରାମର ଦୁଆରୀ କାଣ୍ଡିଙ୍କ ପୁଅ ସନା କାଣ୍ଡି ଏକ ସାଇକଲ ଚୋରୀ କରି ଧରାପଡ଼ିଛି। ସ୍ଥାନୀୟ ଲୋକେ ଚୋରକୁ କାବୁ କରିଛନ୍ତି।






ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି (ନୟାଗଡ଼, ଖଣ୍ଡପଡ଼ା, ଶରଣକୁଳ, ଓଡ଼ଗାଁ)

● ସୁନାବେଶ ଲାଗି ଯୋଗାଡ଼ ହେଲା ୭ ଲକ୍ଷ

# କଟକରେ ହେବ ସୁନା ଛାଉଣୀ

ନୟାଗଡ଼, ୨୨।୬(ସମିସ): ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଲାଗି ଉଦ୍ୟମ ସଫଳ ହୋଇଛି। ଦୀର୍ଘ ଚାରିବର୍ଷ ଧରି ଠାକୁର ସୁନାବେଶ ହୋଇପାରୁନଥିଲେ। ଅଳଙ୍କାର ଉପରୁ ସୁନା ଲେପ ଛାଡ଼ିଯିବାରୁ ଉକ୍ତ ଅଳଙ୍କାର ଠାକୁର ଲାଗି ହେଉନଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଖର୍ଚ୍ଚ ଅଟକଳ ସାତଲକ୍ଷ ଟଙ୍କା ଦେବୋତ୍ତର ବିଭାଗ ଦେବାକୁ ଅକ୍ଷମ ଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଘୋର ଆଘାତ ଲାଗିଥିଲା। ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ସାତଲକ୍ଷ ଟଙ୍କା ଯୋଗାଡ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଚାରି ଲକ୍ଷ ଟଙ୍କା ଦେବୋତ୍ତର ମ୍ୟାନେଜରଙ୍କୁ ପ୍ରଦାନ କରିବା ପରେ ପ୍ରମୋଦ ପଟ୍ଟନାୟକ ଏକ ଲକ୍ଷ ଟଙ୍କା ଏବଂ ଦେବୋତ୍ତର ବିଭାଗ ଅବଶିଷ୍ଟ ଦୁଇ ଲକ୍ଷ ଟଙ୍କା ଦେବେ ବୋଲି ଉପ-ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ନିଷ୍ପତ୍ତି ହେବା ପରେ ଉପ-ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମସ୍ତ ଅଳଙ୍କାର ଟ୍ରେଜେରୀରୁ ଅଣାଯାଇଥିଲା। ଉକ୍ତ ଅଳଙ୍କାର ଉପରେ ସୁନା ଛାଉଣି ପାଇଁ କଟକ କାରିଗରଙ୍କ ପାଖକୁ ନିଆଯିବ ବୋଲି ଜଣାପଡ଼ିଛି। ଆଲୋଚନାରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସାମ୍ବାଦିକ ଲୋକନାଥ ମିଶ୍ର, ରଜତ ପଟ୍ଟନାୟକ, କାଉନସିଲର ଲକ୍ଷ୍ମୀଧର ମହାପାତ୍ର, ଦେବୋତ୍ତର ମ୍ୟାନେଜର ତାପସ କୁମାର ପଟ୍ଟନାୟକ, ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦେବସ୍ନାନ ପୂର୍ଣ୍ଣିମାରେ ଭଜନ ସମାରୋହ

ନୟାଗଡ଼, ୨୨।୬(ସମିସ): ନବକଳେବର ରଥ ଚକ ସ୍ଥାପନ କମିଟି ଏବଂ ସଙ୍ଗୀତଧାରା ମିଳିତ ଆନୁକୂଲ୍ୟରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକ ଭବ୍ୟ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, କଣ୍ଠଶିଳ୍ପୀ ଜୟଶ୍ରୀ ଦେବୀ, ସୁର ଗନ୍ଧର୍ବ କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ଗୁରୁ ପ୍ରଭାତ କୁମାର ଦାଶ, ବିଜୟାନନ୍ଦ ମହାପାତ୍ର, ଗୁରୁ ରଜନୀକାନ୍ତ ମହାପାତ୍ର, ଡ.ଆଶୁତୋଷ ମିଶ୍ର, ପ୍ରଦୀପ୍ତ କୁମାର ରଥ, ସରୋଜ ମିଶ୍ର, ମାଧବ ଡାକୁଆ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଙ୍ଗୀତଧାରା ସଭାପତି ଡ. ବିଜୟ କୁମାର ଚୌଧୁରୀ, ରଥଚକ ସ୍ଥାପନା କମିଟି ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ଦାଶ, ଗୋପୀନାଥ ସେଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ, ଲକ୍ଷ୍ମୀଧର ମହାପାତ୍ର, ଅଶୋକ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

# ମା' ପାଣିଷଣ୍ଢଙ୍କ ପୀଠରେ ବିଷ୍ଣୁଯଜ୍ଞ



ଓଡ଼ଗାଁ, ୨୨।୬(ସମିସ): ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ଦଣ୍ଡୋର ଗ୍ରାମରେ ବିରାଜିତ ମା' ପାଣିଷଣ୍ଢଙ୍କ ପୀଠରେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ବିଷ୍ଣୁଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ବୁଧବାର ସନ୍ଧ୍ୟାରେ ଶୁଭ ଅଙ୍କୁରାରୋପଣ ସହିତ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା। ବୈଦିକ ବ୍ରାହ୍ମଣ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିବା ବେଳେ ବରିଷ୍ଠ ପୁରୋହିତ ଲଳିତ ମୋହନ ତ୍ରିପାଠୀଙ୍କ ସମେତ ଅନ୍ୟ ପୁରୋହିତମାନେ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇ ମା'ଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଲାଭ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ସଭାପତି ସନ୍ୟାସୀ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦଣ୍ଡୋର ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ନୀଳମାଧବ ବିକାଶ ପ୍ରକଳ୍ପ

# ମନ୍ଥର ଗତିରେ ଚାଲିଛି ରୂପାନ୍ତରଣ

ନୟାଗଡ଼/କଣ୍ଟିଲୋ, ୨୨।୬(ସମିସ)

▶ ଆରମ୍ଭ ହୋଇନି ଥଇଥାନ; ଉଚ୍ଛେଦ କେବେ

▶ ଚନ୍ଦନ ପୋଖରୀରେ ନିମ୍ନମାନର କାର୍ଯ୍ୟ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ପ୍ରଭୁ ନୀଳମାଧବଙ୍କ ପୀଠ ରୂପାନ୍ତରଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗତବର୍ଷ ୨୦୨୨ ଏପ୍ରିଲ ୧୪ ତାରିଖରେ '୫-ଟି' ସଚିବ ଭିକେ ପାଣ୍ଡିଆନ୍ କଣ୍ଟିଲୋ ପରିଦର୍ଶନ କରିବା ପରେ ରାଜ୍ୟ ସରକାର ମହାପ୍ରଭୁ ଜଗନ୍ନାଥଙ୍କ ଆଦିକ୍ଷେତ୍ର ନୀଳମାଧବ କ୍ଷେତ୍ର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ରୂପାନ୍ତରଣ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ନିର୍ବାଚନ ପରଠାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଦେଖାଯାଇଛି। କାର୍ଯ୍ୟ ଦାୟିତ୍ୱରେ ରହିଥିବା ଠିକାସଂସ୍ଥା ବଂସଲ ଇନ୍‌ଫ୍ରାପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ କୌଣସି କାରଣରୁ କାର୍ଯ୍ୟ କରିବାର ଗତିକୁ କମାଇ ଦେଇଥିବା କଣ୍ଟିଲୋବାସୀ ଅଭିଯୋଗ କରିଛନ୍ତି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ. ନିର୍ମାଣ ଦାୟିତ୍ୱ ତାର ଏଜେନ୍ସି ବନସଲ ଇନ୍‌ଫ୍ରାପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡକୁ ହସ୍ତାନ୍ତର କରି ପ୍ରଥମ ପର୍ଯ୍ୟାୟରେ ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ ପୁନରୁଦ୍ଧାର, ଦୟଣାଚୋରୀ ବଗିଚା ପୁନରୁଦ୍ଧାର, ଗାଡ଼ିପାର୍କିଂ ନିର୍ମାଣ, ରାସମଣ୍ଡପ ପୁନରୁଦ୍ଧାର, ହନୁମାନ ମନ୍ଦିର ଚତୁଃପାର୍ଶ୍ୱ, କାଶୀ ବିଶ୍ୱନାଥ ମନ୍ଦିର, ପଶ୍ଚିମ ଓ ଦକ୍ଷିଣଦ୍ୱାର ପାବଚ୍ଛ ନିର୍ମାଣ କାର୍ଯ୍ୟ, ଖଣ୍ଡେ ଲାଇଟ ପଥର ପାବଚ୍ଛରେ ପକାଯିବା କାର୍ଯ୍ୟ ଶେଷ କରଛି। ମନ୍ଦିର ରଙ୍ଗ କାର୍ଯ୍ୟ ମଧ ଶେଷ ହୋଇଛି। ହନୁମାନ ମନ୍ଦିର ସମ୍ମୁଖରେ ଗଛ ଲଗାଇବା, ପାହାଡ଼ ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ କରାଯିବା, ଲିଫ୍ଟ ନିର୍ମାଣ ମନ୍ଥର ଗତିରେ ଚାଲିଛି। ବିସ୍ଥାପନ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ବେଳେ ରାସବିହାରୀ ମଣ୍ଡପ, ରଘୁନାଥ ମଠ ଓ ବାଟମଙ୍ଗଳା ମନ୍ଦିରର ବିକାଶ କାର୍ଯ୍ୟ କେବେ ଶେଷ ହେବ ବୋଲି ପ୍ରଶ୍ନ ଉଠିଛି। ଯାତ୍ରୀଙ୍କ ଜିନିଷପତ୍ର ରଖିବା ନିମନ୍ତେ ବ୍ୟବସ୍ଥା ଏବଂ ପଦପ୍ରକ୍ଷାଳନ ବ୍ୟବସ୍ଥା କାର୍ଯ୍ୟ ମଧ ବାକି ରହିଛି। ମନ୍ଦିରକୁ ପ୍ରବେଶ ପାଇଁ ପୂର୍ବ ଓ ପଶ୍ଚିମ ପାର୍ଶ୍ୱ ସଡ଼କର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମହାନଦୀର କୁଳକ୍ଷୟରୁ ମନ୍ଦିରକୁ ସୁରକ୍ଷା ଯୋଗାଇବା ପାଇଁ ୪୦୦ ମିଟର ପଥର ପ୍ୟାଚିଂ କାମ ଅଧା ଅଧୁରା ଅବସ୍ଥାରେ ରହିଛି। ମହାନଦୀରେ ବନ୍ୟା ଆସିଲେ ଏହି ପଥର ପ୍ୟାକିଂ କାମ କ୍ଷତି ହେବାର ସମ୍ଭାବନା ରହିଛି। ପ୍ରକଳ୍ପ ନିର୍ମାଣ କାମ ତ୍ୱରାନ୍ୱିତ କରାଯିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଥିବା ବେଳେ ଠିକାସଂସ୍ଥା ପକ୍ଷରୁ ହେୟଜ୍ଞାନ କରାଯାଉଛି। କାମ ଯେଉଁ ଭଳି ଚାଲିଛି, ଦୁଇ ବର୍ଷ ମଧ୍ୟରେ ଶେଷ ହେବା ସମ୍ଭାବନା ନାହିଁ ବୋଲି ଆଲୋଚନା ହେଉଛି।

ମୁଖ୍ୟ କଥା ହେଉଛି, ନୀଳମାଧବ ମନ୍ଦିର ଚାରିପାଖରେ ରହିଥିବା ସେବାୟତଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଥଇଥାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ସେମାନଙ୍କ ଦାବି ମୁତାବକ ଥଇଥାନ କାର୍ଯ୍ୟ କରାଯିବା ନିହାତି ଆବଶ୍ୟକ ହୋଇଛି। ମନ୍ଦିର ଚତୁଃପାର୍ଶ୍ୱକୁ ମୁକ୍ତ କରିବା ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବାକୁ ଦାବି ହେଉଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଆଦୌ ଧ୍ୟାନ ଦେଉନଥିବା ବେଳେ ନୀଳମାଧବ ବିକାଶ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ନା ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ସରକାର ବଦଳିବା ପରେ ଏହି ପ୍ରକଳ୍ପ ଅଧାରେ ଅଟକି ଯିବ କି ବୋଲି କଣ୍ଟିଲୋବାସୀ ଏବେ ପ୍ରଶ୍ନ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଂକ୍ରିଟ ଢଳେଇ କରି ପଥର ପ୍ୟାକିଂ କରାଯିବାକୁ ଯୋଜନା ରହିଥିବା ବେଳେ ସିମେଣ୍ଟ ଇଟା ଯୋଡ଼େଇ କରି ତା' ଉପରେ ପଥର ପ୍ୟାକିଂ କରାଯାଇଥିବା ଅଭିଯୋଗ ହୋଇଛି। ବଡ଼ ବର୍ଷା ହେଲେ ପୋଖରୀ ଗାର୍ଡୱାଲ ଓ ପଥର ପ୍ୟାକିଂ ଭୁଶୁଡ଼ି ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ସରକାର ଓ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ନୀଳମାଧବ ବିକାଶ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ପରଲୋକ

ଖଣ୍ଡପଡ଼ା, ୨୨।୬(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ବାହାଡ଼ା ପୁରୁଣା ସାହିର ବାସିନ୍ଦା ତଥା ଅବସରପ୍ରାପ୍ତ ଲାଇନ୍‌ମ୍ୟାନ ତ୍ରିଲୋଚନ ନାୟକ(୬୫)ଙ୍କ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ ଦେହାନ୍ତ ଖବର ଶୁଣି ବନ୍ଧୁପରିଜନ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବିଜୟ କୁମାର ନାୟକ ମୁଖାଗ୍ନି ଦେଇଥିଲେ।

ଗଡ଼ବାଣିକିଲୋରେ ଅଭାବନୀୟ ସ୍ଥିତି

# କାହା ଅନୁମତିରେ କଟିଲା ଶହ ଶହ ଗଛ



ନୟାଗଡ଼/ରଣପୁର, ୨୨।୬(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ଗଡ଼ବାଣିକିଲୋ ଗ୍ରାମରେ ଅଭାବନୀୟ ପରିସ୍ଥିତି ଦେଖାଯାଇଛି। ଗତ ବୁଧବାର କିଛି ବ୍ୟକ୍ତି ଗ୍ରାମର ଏକ ସ୍ଥାନରେ ରହିଥିବା ୧୫ରୁ ୨୦ଟି ଆମ୍ବଗଛ, ୩୦ରୁ ୪୦ଟି କାଜୁ ଗଛ, ଶାଳ ଏବଂ ଅନ୍ୟାନ୍ୟ ଗଛକୁ କାଟି ଦେଇଛନ୍ତି। ଏହି ଗଛଗୁଡ଼ିକ କାଟିବା ପଛରେ ପାଣିଟାଙ୍କି ନିର୍ମାଣ କରାଯିବାକୁ ଆଳ କରାଯାଇଥିବା ବେଳେ ଏହା ପଛରେ ଅନ୍ୟ କାରଣ ରହିଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମ ଦିଲ୍ଲୀପ କୁମାର ବଳିଆରସିଂ ନାମକ ବ୍ୟକ୍ତି ଏହା ମଧ୍ୟରୁ ଅଧିକାଂଶ ବୃକ୍ଷରୋପଣ କରିଥିଲେ। ଦିଲ୍ଲୀପଙ୍କୁ ଗ୍ରାମବାସୀ ଗତବର୍ଷଠାରୁ ଏକଘରକିଆ କରି ରଖିଥିବା ବେଳେ ତାଙ୍କ ଉପରେ ରାଗ ଶୁଝାଇବା ପାଇଁ ଏଭଳି କରାଯାଇଥିବା ଆଲୋଚନା ହେଉଛି। କାହା ଅନୁମତିରେ ଏସବୁ ଗଛ କଟାଯାଇଛି, ତାହାର ତଦନ୍ତ ହେବା ନିହାତି ଆବଶ୍ୟକ ରହିଛି। ବନବିଭାଗ ବିନା ଅନୁମତିରେ କିଭଳି ଗଛ କଟା ଯାଇଛି, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଆର୍‌ଆଇ, ତହସିଲଦାର ଏବଂ ଥାନା ଅଧିକାରୀ ଜ୍ଞାତ ଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଦିଲ୍ଲୀପଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦିଆଯାଉଥିବା ବେଳେ ପରିବେଶ ଛାରଖାର କରିବା ପଛରେ କାହାର ଖଳପ୍ରକୃତି କାମ କରୁଛି, ତାହା ତଦନ୍ତ ସାପେକ୍ଷ।

ଚାଲିଛି ପୁଲିସ ଓ ତହସିଲ ସହ ଲୁଚକାଳି ଖେଳ

# ମହାନଦୀରେ ୩ ବେଆଇନ ବାଲିଘାଟ

ନୟାଗଡ଼/ଖଣ୍ଡପଡ଼ା, ୨୨।୬(ସମିସ)



ନୟାଗଡ଼ ଜିଲ୍ଲାର ଗଣିଆ, ଖଣ୍ଡପଡ଼ା ଓ ଭାପୁର ବ୍ଲକକୁ ଲାଗି ମହାନଦୀ ରହିଛି। ଏହି ମହାନଦୀରୁ ଖଣ୍ଡପଡ଼ା ତହସିଲ ଅଧୀନସ୍ଥ ୩ଟି ସ୍ଥାନରେ ବେଆଇନ ବାଲିଘାଟ ଚାଲିଥିବା ଦେଖାଯାଇଛି। ପ୍ରତ୍ୟେକ ରାତିରେ ୫ ଶହ ଟ୍ରିପ୍ ହାଇୱା ଚାଲି ଚୋରା ଚାଲାଣ ହେଉଥିବା ବେଳେ ସରକାରଙ୍କ ଖାତାକୁ ଟଙ୍କାଟିଏ ବି ରାଜସ୍ୱ ଆସୁନାହିଁ। ତହସିଲ ଓ ପୁଲିସ ସହ ଲୁଚକାଳି ଖେଳି ବେଆଇନ ବାଲିଘାଟ ଚଲା ଯାଉଥିବା ବେଳେ ଏହା ପଛରେ କିଛି ରାଜନୈତିକ ବ୍ୟକ୍ତିଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଆଲୋଚନା ହେଉଛି। ଖଣ୍ଡପଡ଼ା ତହସିଲ ଅଧୀନସ୍ଥ ବଡ଼ବାଣପୁର ନିକଟରେ ଏକ ବେଆଇନ ବାଲିଘାଟ ରହିଛି। ଏହି ବାଲିଘାଟ ରାସ୍ତା ଉପରକୁ ଜଳଜଳ ଦେଖାଯାଉଥିବା ବେଳେ ତହସିଲ କର୍ତ୍ତୃପକ୍ଷ କେବଳ ଜରିମାନା ଆଦାୟରେ କାର୍ଯ୍ୟାନୁଷ୍ଠାନକୁ ସୀମିତ ରଖିଛନ୍ତି। ସେହିଭଳି ଭାବେ କୁମୁଣ୍ଡି ନିକଟରେ ଅନ୍ୟ ଏକ ବାଲିଘାଟ ରହିଥିବା ବେଳେ ସିଧାମୂଳାରେ ଏକାଧିକ ବାଲିଘାଟ ଚାଲିଛି। ପୁଲିସ ଓ ତହସିଲ ପକ୍ଷରୁ ଚଢ଼ଉ କରାଯିବାକୁ ଯୋଜନା ପ୍ରସ୍ତୁତ ହେଲେ ବାଲିଘାଟ ଚଳାଉଥିବା ବ୍ୟକ୍ତି ଆଗୁଆ ଖବର ପାଇ ବନ୍ଦ କରି ଦେଉଛନ୍ତି। ଅନେକ ଥର ପୁଲିସ ମେସିନ ଓ ଗାଡ଼ି ଜବତ କରୁଥିଲେ ମଧ କୌଣସି ପ୍ରଭାବ ପଡୁନାହିଁ। ମାସିକିଆ ଏବଂ ଚଢ଼ଉ ସମୟରେ ଆବଶ୍ୟକ ହାତଗୁଞ୍ଜା ଦେଇ ମାଫିଆମାନେ ପୁଣି ସେମାନଙ୍କ କାର୍ଯ୍ୟ କରି ଚାଲୁଛନ୍ତି। ନୟାଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବାକୁ ସୁଯୋଗ ଭାବି ତହସିଲ କର୍ତ୍ତୃପକ୍ଷ ନିରବ ରହୁଥିବା ବେଳେ ଦିନକୁ ଦିନ ମାଫିଆମାନେ ସକ୍ରିୟ ହୋଇ ଚାଲିଛନ୍ତି। ଏହି ୩ଟି ବେଆଇନ ବାଲିଘାଟରୁ ରାତିରେ ୫ ଶହ ଟ୍ରିପରୁ ଊର୍ଦ୍ଧ୍ୱ ବାଲି ଚାଲାଣ ହେଉଥିବା ବେଳେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ବେଆଇନ ବାଲିଘାଟ ବନ୍ଦ କରିବା ପାଇଁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ମହାନଦୀରୁ ଉଠାଣ ହେଉଥିବା ବାଲି ବୋଝେଇ ଗାଡ଼ି ମଧ୍ୟରୁ ଅଧିକାଂଶ ନୟାଗଡ଼ ଓ ଓଡ଼ଗାଁ ଅଞ୍ଚଳକୁ ଆସୁଥିବା ବେଳେ ନୟାଗଡ଼ ଓ ଓଡ଼ଗାଁ ତହସିଲ ଏବଂ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବଡ଼ବାଣପୁର ନିକଟରେ ଚାଲିଥିବା ବେଆଇନ ବାଲିଘାଟ ଏବେ ମହାନଦୀ ଜଳଧାର ନିକଟରେ କରଯାଇଛି। ଏଥିପାଇଁ ମହାନଦୀ ମଧ୍ୟରେ ମୋରମ ବିଛାଇ ରାସ୍ତା ମଧ ନିର୍ମାଣ କରାଯାଇଛି। ନଦୀକୂଳରୁ ମହାନଦୀ ମଧ୍ୟକୁ ଦେଢ଼ କିଲୋମିଟର ମୋରମ ରାସ୍ତା ନିର୍ମାଣ କରାଯାଇ ବାଲି ବୋଝେଇ ଗାଡ଼ି ଚଳାଚଳ ସ୍ୱାଭାବିକ କରାଯାଉଛି। କଣ୍ଟିଲୋ ଗଣିଆ ରାସ୍ତା ଉପରକୁ ଏହି ବାଲିଘାଟ ଜଳଜଳ ଦେଖାଯାଉଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଖଣ୍ଡପଡ଼ାରେ ଅନେକ ବେଆଇନ ପଥର ଖଣି**

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ ଅଧୀନରେ ବହୁ ସଂଖ୍ୟକ ବେଆଇନ ପଥର ଖଣି ଚାଲୁଛି। ଘଣାଶାଳିଆଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚାଲିଥିବା ଏହି ବେଆଇନ ପଥର ଖଣିଗୁଡ଼ିକ ଉପରେ ଲଗାମ ରହୁନାହିଁ। ବିଗତ ଦିନରେ ତହସିଲ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇଥିଲେ ମଧ ପଥର ମାଫିଆମାନେ ବ୍ଲାଷ୍ଟିଂ କରୁଥିବା ଅଭିଯୋଗ ହେଉଛି। ଏପରିକି ଅନେକ ଖଣି ଜଙ୍ଗଲ କିସମ ଜାଗାରେ ଲିଜ୍ ଦିଆଯାଇଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

■ ଶ୍ରୀନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର

# ଜୁଲାଇ ୨୦ରୁ ପୂଜକଙ୍କ ଆନ୍ଦୋଳନ ଚେତାବନୀ



ଦଶପଲ୍ଲା, ୨୨।୬(ସମିସ): ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଦେଉଳ ମାଳିସାହି ଗ୍ରାମରେ ଥିବା ଆରାଧ୍ୟ ଦେବ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ବହୁ ପ୍ରାଚୀନ କାଳରୁ ଅବସ୍ଥିତ। ଏହି ମନ୍ଦିରର ପୂଜକଗଣ ରାଜାରାଜୁଡ଼ା ଅମଳରୁ ବଂଶାନୁକ୍ରମରେ ଠାକୁରଙ୍କ ପୂଜାରେ ଲାଗି ଆସିଛନ୍ତି ଓ ଠାକୁରଙ୍କ ଜମିକୁ ଭୋଗଦଖଲ କରିଆସୁଛନ୍ତି। ମାତ୍ର ବର୍ତ୍ତମାନ ଉକ୍ତ ଜମିରେ ପୂର୍ବତଟ ରେଳ ଲାଇନ ଆସିବା ଦ୍ୱାରା ଜମିର ଭୋଗଦଖଲ ବନ୍ଦ ଅଛି ଏବଂ ସେଥିପାଇଁ ପୂର୍ବତଟ ରେଳ ବିଭାଗ ପକ୍ଷରୁ ସେମାନଙ୍କୁ କୌଣସି କ୍ଷତି ପୂରଣ ଦିଆଯାଇ ନାହିଁ। ତେବେ ଜମି ଅଧିଗ୍ରହଣ ଅର୍ଥ ଆସିଥିଲେ ମଧ ପୂଜକଙ୍କୁ ଦିଆଯାଇ ନାହିଁ। ସେବାୟତମାନେ ଗତ ୬ବର୍ଷରୁ ଅଧିକ ସମୟ କରଜ କରି ମନ୍ଦିର ସେବା ଜାରି ରଖିଥିବା ସହିତ ନିଜ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। କିନ୍ତୁ ବର୍ତ୍ତମାନ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ନିଜ ପିଲାଙ୍କୁ ପାଠ ପଢ଼ାଇବା, ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ କରିବା ଆଉ ସେମାନଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଲାଣି। ଦଶପଲ୍ଲା ପ୍ରଶାସନ ଓ ନୟାଗଡ଼ ଜିଲ୍ଲା ପ୍ରଶାସନର ସମସ୍ତଙ୍କୁ ଲିଖିତ ଭାବେ ଜଣାଇବା ପରେ କୌଣସି ସୁଫଳ ମିଳିନାହିଁ। ତେଣୁ ସେମାନଙ୍କ ଦୟନୀୟ ଅବସ୍ଥାକୁ ସୁଧାର କରା ନଗଲେ ସେମାନେ ଆସନ୍ତା ଜୁଲାଇ ୨୦ ତାରିଖ ପରଠାରୁ ପୂଜା ବିଧି ବନ୍ଦ ରଖିବେ ଓ ଧାରଣାରେ ବସିବାକୁ ଲିଖିତ ଭାବେ ଦେବୋତ୍ତର ଆୟୁକ୍ତ ଭୁବନେଶ୍ୱରଙ୍କୁ ଜଣାଇଛନ୍ତି।

## ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ଜଣେ ମୃତ, ଜଣେ ଆହତ

**ବାଲୁଗାଁ,୨୨।୬(ସମିସ):** ଶୁକ୍ରବାର ବିଳମ୍ବିତ ରାତ୍ରିରେ ବାଲୁଗାଁ ବାଇପାସ ରାସ୍ତା ନାଭାଲ ଫାଣ୍ଡି ଅଧୀନ ଝିଣ୍ଟିକାପଲ୍ଲୀ ଛକ ଠାରେ ସଡକ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ତାମିଲନାଡୁ ଅଞ୍ଚଳର ଆର.ଭେଙ୍କଟେଶ। ସେ ଟ୍ରକ୍‌ର ହେଲପର ବୋଲି ଜଣାପଡିଛି। ୧୬ ନଂ ଜାତୀୟ ରାଜପଥ ର ଝିଣ୍ଟିକାପଲି ଛକ ଠାରେ ଏକ ଲୁହା ବୋଝେଇ ଟ୍ରକ୍ ଠିଆ ହୋଇଥିଲା। ରାତ୍ରି ପ୍ରାୟ ୧୧ଘଟିକା ସମୟରେ ଦୁର୍ଗାପୁରରୁ ତାମିଲନାଡୁ ଅଭିମୁଖେ ଯାଉଥିବା ଏକ ଷ୍ଟିଲ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଉକ୍ତ ଲୁହା ବୋଝେଇ ଟ୍ରକ୍‌ର ପଛ ପାଶ୍ୱର୍କୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଚାପି ହୋଇ ହେଲପର ଘଟଣା ସ୍ଥଳେ ମୃତ୍ୟୁବରଣ କରିଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ବାଲୁଗାଁ ପୁଲିସ ଏସଂକ୍ରାନ୍ତରେ ୨୧୦/୨୪ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

**ବେଗୁନିଆ,୨୨।୬(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୪୮ ନମ୍ବର ରାଜପଥର ଗୋବିନ୍ଦପୁର-ଗେଡିଆପଲୀ ରାସ୍ତାର ମଧ୍ୟବର୍ତ୍ତୀ ରାସ୍ତାର ଦାରୁଡିପ ଠାରେ ଶନିବାର ପୂର୍ବାହ୍ନରେ ଭାରସାମ୍ୟ ହରାଇ ସ୍କୁଟି ଚାଳକ ଜଣକ ଏକ ଗଛକୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଚାଳକକୁ ଲୋକମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିବାର ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ବେଗୁନିଆ ଥାନା ଅଧିକାରୀ ଶ୍ରୀ ପଣ୍ଡାଙ୍କ ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡ଼ା ଗ୍ରାମର ଚନ୍ଦ୍ରମଣି ବେହେରାଙ୍କ ପୁଅ ହରେକୃଷ୍ଣ(୩୫) ସ୍କୁଟି ଯୋଗେ ଶ୍ୱଶୁର ଘର କଟକ ଜିଲ୍ଲା ବଡମ୍ବା ଗ୍ରାମକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା।

## ପଥର ବୋଝେଇ ଟ୍ରକ୍ ଜବତ

**ନିରାକାରପୁର,୨୨।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଏସଆଇ ଦିପଳିଶା ନାୟକ ଶୁକ୍ରବାର ଲେଣ୍ଢୁ ଛକ ନିକଟରେ ଗାଡି କାଗଜପତ୍ର ଯାଞ୍ଚ କରିଥିବା ବେଳେ ପଥର ବୋଝେଇ ଟ୍ରକ ନଂ ଓ ଡି ୦୨ ବିଇ ୬୩୬୯ କୁ ଅଟକାଇ କାଗଜପତ୍ର ଦେଖିଥିଲେ। କିନ୍ତୁ ଏହା ନକଲି ବୋଲି ଜାଣିବା ପରେ ଗାଡ଼ିକୁ ଅଟାଇବାକୁ ଚେଷ୍ଟା କରିଥିଲେ ବି ଗାଡି ଡ୍ରାଇଭର ଗାଡ଼ିକୁ ଦ୍ରୁତ ଗତିରେ ନେଇଯାଇ ପୁରୀ ଜିଲ୍ଲା କଣାସ ବ୍ଲକ୍ କେଶରପୁର ଗ୍ରାମକୁ ନେଇ ଗାଁ ମଧ୍ୟରେ ଗାଡି ରଖି ଫେରାର ହୋଇଯାଇଥିଲା। ପରେ ଏସଆଇ ନାୟକ କଣାସ ଥାନାର ସହାୟତାରେ ସେଠାରୁ ଗାଡି ଟିକୁ ଜବତ କରି ନିରାକାରପୁର ଥାନାକୁ ଆଣିଥିଲେ। ଏନେଇ ଥାନାରେ ରାଜେଶ ହରିଚନ୍ଦନ, ପ୍ରସନ୍ନ ପଟ୍ଟନାୟକ ଓ ମାଲିକ କାଜଲ ପଟ୍ଟନାୟକ ଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ବାଚସ୍ପତିଙ୍କ ନିଜ ନିର୍ବାଚନମଣ୍ଡଳୀ ଗସ୍ତ

**କାଲୁପଡାଘାଟ,୨୨।୬(ସମିସ):** ଓଡିଶା ବିଧାନ ସଭାର ବାଚସ୍ପତି ଭାବେ ସୁରମା ପାଢ଼ୀ ନିର୍ବାଚିତ ହେବା ପରେ ଦିନିକିଆ ଗସ୍ତରେ ଆସିଛନ୍ତି ନିଜ ରଣପୁର ନିର୍ବାଚନ ମଣ୍ଡଳୀକୁ। ପ୍ରଥମେ ଚମ୍ପାଗଡ଼ ଠାରେ ସୁରମା ପାଢ଼ୀ ପହଁଞ୍ଚିବା ପରେ ଦଳୀୟ କର୍ମୀମାନେ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ବିରାଟ ପଟୁଆରରେ ପାଛୋଟି ନେଇଥିଲେ ସ୍ଥାନୀୟ ଜନସାଧାରଣ। ଏହା ପରେ ସୁରମା ପାଢ଼ୀଙ୍କୁ ଭେଟିବା ପାଇଁ ସ୍ଥାନିୟ ଅଂଚଳର ଶହ ଶହ ଜନ ସାଧାରଣ କଟକ ସହର, ବେଣ୍ଟ, କନ୍ଧ ନୟାଗଡ଼ ଛକଠାରେ ଅପେକ୍ଷା କରିଥିଲେ। ସୁରମା ପାଢ଼ୀ ଗାଡିରୁ ଓହ୍ଲାଇ ସ୍ଥାନୀୟ ଜନ ସାଧାରଣଙ୍କୁ ଭେଟି ପରେ କନ୍ଧନୟାଗଡ଼ ହନୁମାନ ମନ୍ଦିରକୁ ଯାଇ ଶ୍ରୀହନୁମାନଙ୍କୁ ଦର୍ଶନ କରିବା ସହ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ଏହା ପରେ ଚାନ୍ଦପୁର, କେରଣ୍ଡା ଟାଙ୍ଗୀ, ରାଇପଡା, ଆଦି ଗ୍ରାମଗସ୍ତ କରିଥିଲେ। ଏହା ସହ ଖଣ୍ଡିଆ ବନ୍ଧଠାରେ ଅନୁଷ୍ଠିତ ଶ୍ରୀରାମ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ ଶ୍ରୀମତୀ ପାଢ଼ୀ। ଏହି କାର୍ଯ୍ୟକ୍ରମରେ ବିଜେପି ମଣ୍ଡଳ ସଭାପତି ସୁବର୍ଣ୍ଣ ସିଂ, ବିପିନ ବିହାରୀ ନାୟକ, ପ୍ରଦୀପ ସେନାପତି, ଅମୁଲ୍ୟ ସାହୁ, ଗୋପାଳ ନାୟକ, ପ୍ରମୋଦ କୁମାର ସାହୁ, ବେଣୁଧର ରଣା, ନିର୍ମଳ ମତଗଜ ସିଂ ପ୍ରମୁଖ ସାମିଲ ହୋଇଥିଲେ।

### ପ୍ରାଣନାଥ କଲେଜ +୩ ପରୀକ୍ଷା ଫଳ ପ୍ରକାଶ

# ବିଜ୍ଞାନରେ ଦେବସ୍ୱିନୀ, ବାଣିଜ୍ୟରେ ଶାଶ୍ୱତୀ, କଳାରେ ଶୁଭଲକ୍ଷ୍ମୀ ଓ ବିବିଏରେ ଭାଗ୍ୟଶ୍ରୀ ଟପ୍ପର



**ଖୋର୍ଦ୍ଧା,୨୨।୬(ସମିସ):** ସ୍ଥାନୀୟ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଷଷ୍ଠାଦଶତମ ସ୍ନାତକ (୨୦୨୧-୨୪)ଶେଷବର୍ଷ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷ ପାସହାର ୮୯.୭ପ୍ରତିଶତ ରହିଛି। ଯାହା ପୂର୍ବବର୍ଷ ତୁଳନାରେ ୨% ବଢିଛି। କଳା, ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଆଗରେ ରହିଛନ୍ତି। ଛାତ୍ରୀମାନଙ୍କ ପାସହାର ଚଳିତବର୍ଷ ୯୩.୫ ପ୍ରତିଶତ ଥିବାବେଳେ ଛାତ୍ରମାନଙ୍କର ୮୫.୫ ପ୍ରତିଶତ ରହିଛି। କଳା ବିଭାଗରେ ପାସହାର ୮୬.୮ପ୍ରତିଶତ ଥିବାବେଳେ ବିଜ୍ଞାନରେ ୯୨.୬ ଓ ବାଣିଜ୍ୟ ବିଭାଗରେ ୮୯.୮ପ୍ରତିଶତ ରହିଛି। କମ୍ପ୍ୟୁଟର ବିଜ୍ଞାନ ସମ୍ମାନର ଛାତ୍ରୀ ଦେବସ୍ୱିନୀ ମହାରଣା ସର୍ବାଧିକ ମୋଟ ୯.୪୩ ସିଜିପିଏ ରଖି କଲେଜର ଶ୍ରେଷ୍ଠ ସ୍ନାତକ (ବେଷ୍ଟ ଗ୍ରାଜୁଏଟ୍) ହୋଇଛନ୍ତି। ସେହିପରି କଳା ବିଭାଗରେ(ଶିକ୍ଷା ସମ୍ମାନ)ର ଛାତ୍ରୀ ଶୁଭଲକ୍ଷ୍ମୀ ପୃଷ୍ଟି ୯.୩୬ସିଜିପିଏ, ବାଣିଜ୍ୟ ବିଭାଗରେ ଶାଶ୍ୱତୀ ବାହାଲି ୯.୨୭ସିଜିପିଏ ରଖି ଟପ୍ପର ହୋଇଛନ୍ତି। ସେହିପରି ବିବିଏ ରେ ଭାଗ୍ୟଶ୍ରୀ ତ୍ରିପାଠୀ ୮.୮୮ ସିଜିପିଏ ରଖି ଟପ୍ପର ହୋଇଛନ୍ତି। କଳା ବିଭାଗରେ ମୋଟ ୩୭୨ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୨୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରେ ଛାତ୍ର ୧୧୭ଜଣ ଥିବାବେଳେ ଛାତ୍ରୀ ୨୦୬ଜଣ ରହିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ମୋଟ ୩୪୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୧୫ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ସେଥିରୁ ୧୪୮ଜଣ ଛାତ୍ର ଓ ୧୬୭ଜଣ ଛାତ୍ରୀ ରହିଛନ୍ତି। ବାଣିଜ୍ୟ ବିଭାଗରେ ମୋଟ ୩୫୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧୭ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ୧୯୨ଛାତ୍ର ଓ ୧୨୫ ଛାତ୍ରୀ ପାସ କରିଛନ୍ତି।

କଲେଜ ମୈତ୍ରୀ ଭବନ ପରିସରରେ ଆଜି ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ଡ. ବିନୋଦିନୀ ମିଶ୍ର ଏହା ପ୍ରକାଶ କରିଛନ୍ତି। ଏହି ଅନ୍ତିମ ପରୀକ୍ଷା ଫଳ ୬ଟି ସେମିଷ୍ଟାର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ତିନି ବିଭାଗର ଶ୍ରେଷ୍ଠ ସ୍ନାତକ ଏବଂ ମହାବିଦ୍ୟାଳୟ ଶ୍ରେଷ୍ଠ ସ୍ନାତକ ଗୌରବ ହାସଲ କରିଥିବା ଛାତ୍ରୀମାନେ ଆସନ୍ତା ସାମ୍ବତ୍ସରିକ ଉତ୍ସବ-୨୦୨୫ରେ ସ୍ୱର୍ଣ୍ଣପଦକ ପ୍ରାପ୍ତ କରିବେ।ଏଥିରେ କଲେଜ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧ୍ୟାପିକା ଡଃ ନନ୍ଦିତା ଛୋଟରାୟ, ଉପନିୟନ୍ତ୍ରକ ପ୍ରଫେସର ଉପେନ୍ଦ୍ର କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ନିୟନ୍ତ୍ରକ ଡକ୍ଟର ମଧୁସ୍ମିତା ତ୍ରିପାଠୀ ଓ ଡକ୍ଟର ପ୍ରଦୀପ୍ତ କୁମାର ମହାପାତ୍ର, ପ୍ରଫେସର ସୁଧାଂଶୁବାଳା ରାଉତ, ପ୍ରଫେସର ପ୍ରଣତି ମହାପାତ୍ର, ପ୍ରଫେସର ସୁକୁମାର ପଟ୍ଟନାୟକ, ଅକ୍ଷୟ କୁମାର ମିଶ୍ରଙ୍କ ସମେତ କଲେଜର ସମସ୍ତ ଅଧାପିକା,ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ଦେବସ୍ୱିନୀ ମହାରଣା ବେଷ୍ଟ ଗ୍ରାଜୁଏଟ୍**

### ବିଭିନ୍ନ ଅନର୍ସରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ସିଜିପିଏ

| ସମ୍ମାନ/ବିଷୟ | ଟପ୍ପରଙ୍କ ନାମ | ସିଜିପିଏ |
|---|---|---|
| ରାଜନୀତି ବିଜ୍ଞାନ | ସାଗରିକା ଦାସ | ୮.୮୯ |
| ଅର୍ଥନିତୀ | ନିକିତା ମାର୍ଥା | ୮.୫୮ |
| ଦର୍ଶନ ଶାସ୍ତ୍ର | ଅନିମେଶ ସାମନ୍ତରାୟ | ୮.୩୬ |
| ଇଂରାଜୀ | ନିଖାତ ଖତୁଆନ | ୮.୧୦ |
| ଇତିହାସ | ଶୁଭଶ୍ରୀ ମହାପାତ୍ର | ୮.୩୮ |
| ଓଡ଼ିଆ | ସତ୍ୟଜିତ ରାଉତ | ୮.୫୬ |
| ମନୋବିଜ୍ଞାନ | ଆକୃତି ପଟେଲ | ୯.୦୦ |
| ସଂସ୍କୃତ | ବିଶ୍ୱନାଥ ମିଶ୍ର | ୮.୬୧ |
| ଭୂଗୋଳ | ଲକ୍ଷ୍ମୀପ୍ରିୟା ଛୋଟରାୟ | ୮.୦୬ |
| ଶିକ୍ଷା | ଶୁଭଲକ୍ଷ୍ମୀ ପୃଷ୍ଟି | ୯.୩୬ |
| ଉଦ୍ଭିଦ ବିଜ୍ଞାନ | ରତ୍ନୁପର୍ଣ୍ଣା ଶତପଥୀ | ୯.୧୪ |
| ରସାୟନ ବିଜ୍ଞାନ | ଅଞ୍ଜଳି କୁଶୱାହା | ୯.୨୬ |
| କମ୍ପ୍ୟୁଟର ସାଇନ୍ସ | ଦେବସ୍ୱିନୀ ମହାରଣା | ୯.୪୩ |
| ଗଣିତ | ଚନ୍ଦନ ସାହୁ | ୯.୨୬ |
| ପଦାର୍ଥ ବିଜ୍ଞାନ | ବିଶ୍ୱରଞ୍ଜନ ସାହୁ | ୯.୨୧ |
| ଭୂତତ୍ୱ(ଜିଓଲୋଜି) | ଆୟୁଷ୍ମାନ ଶୁଭ୍ରମନ୍ୟୁ ପଲାଇ | ୮.୭୯ |
| ପ୍ରାଣୀ ବଜ୍ଞାନ | ଆକାଂକ୍ଷା ସିଂ | ୯.୦୪ |
| ଇଲେକଟ୍ରୋନିକ୍ସ | ସ୍ମୃତି ପଟ୍ଟନାୟକ | ୭.୭୦ |
| ବାଣିଜ୍ୟ | ଶାଶ୍ୱତୀ ବାହାଲି | ୯.୨୭ |
| ବିବିଏ | ଭାଗ୍ୟଶ୍ରୀ ତ୍ରିପାଠୀ | ୮.୮୮ |

## ସାରୁଆ, ପୋଡ଼ାଡିହାରେ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ

**ଖୋର୍ଦ୍ଧା,୨୨।୬(ସମିସ):** ବାତ୍ୟା ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବେଗୁନିଆ ବ୍ଲକର ସାରୁଅ ଓ ପୋଡାଡିହା ପଞ୍ଚାୟତରେ ମକଡ୍ରିଲ୍ ଆୟୋଜିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ୱସ୍ୱ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ରାଉତ, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ, ପୋଡାଡିହା ସରପଞ୍ଚ ଲତା ସେଠୀ, ସମ୍ପାଦିକା ସୁଦର୍ଶନ ମାଣିକ, ବେଗୁନିଆ ଜିପିଓ ନୀଳକଣ୍ଠ ମାନସିଂ, ୱସ୍ୱର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ, ସିଡିପିଓ, ଉଦ୍ୟାନ ବିଭାଗ ଅଧିକାରୀ, ୱସ୍ୱର କର୍ମଚାରୀ ଦିଲ୍ଲୀପ କୁମାର ପଟ୍ଟନାୟକ ଏବଂ ମମତା ମହାନ୍ତି, ଆଶା ଓ ଅଙ୍ଗନବାଡିକର୍ମୀ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଦସ୍ୟଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଲୋକଙ୍କୁ ବିପର୍ଯ୍ୟୟର ମୁକାବିଲା ପାଇଁ ବିଭିନ୍ନ ପ୍ରଶିକ୍ଷଣ କୌଶଳ ଶିକ୍ଷା ଦିଆଯାଇଥିଲା।


**ବାଙ୍କୋଇ କେପିଏଏନ ଡିଗ୍ରୀ ମହାବିଦ୍ୟାଳୟ**

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ବୋଲଗଡ଼,୨୨।୬(ସମିସ):**ବାଙ୍କୋଇ କେପିଏଏନ ସ୍ନାତକ ମହାବିଦ୍ୟାଳୟରେ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ।ମହାବିଦ୍ୟାଳୟ ଅଧ୍ୟାପକ ସରୋଜ କୁମାର ମିଶ୍ର ଯୋଗ ଶିବିରକୁ ପରିଚାଳନା କରିଥିଲେ। ଏଥିରେ ସୂର୍ଯ୍ୟନମସ୍କାର, ଆସନ, ପ୍ରାଣାୟାମ ଇତ୍ୟାଦି ଗୁଡିକୁ ଉପସ୍ଥିତ ଛାତ୍ର ଛାତ୍ରୀ ଓ କର୍ମଚାରୀମାନେ ଅଭ୍ୟାସ କରିଥିଲେ। ଉପସ୍ଥିତ ରହି ଯୋଗ ଦିବସ ପାଳନ କରାଯାଇଥିଲା। ଯୋଗ ଦିବସ ଉପଲକ୍ଷେ ଛାତ୍ରୀ ଛାତ୍ରୀ ମାନଙ୍କର ନାମ ପଞ୍ଜିକରଣ କରାଯାଇ ପ୍ରଥମେ ଯୋଗ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟଙ୍କ ଦ୍ୱାରା ଉଦଘାଟନ କରିଥିଲେ। ଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପ୍ରଂଶସା ପତ୍ର ବଣ୍ଟନ କରାଯାଇଥିଲା ।

**ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା**

# ସ୍ନାନବେଦୀରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି









**ଖୋର୍ଦ୍ଧା,୨୨।୬(ସମିସ):** ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା, ଚନ୍ଦନ ଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା ଓ ଝୁଲଣଯାତ୍ରା ହେଉଛି ମହାପ୍ରଭୁଙ୍କ ପ୍ରଧାନଯାତ୍ରା। ଏହି ଯାତ୍ରା ମଧ୍ୟରୁ କେବଳ ସ୍ନାନଯାତ୍ରା ଓ ରଥଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ଆସନରୁ ଆସି ସାଧାରଣତଃ ଭକ୍ତମାନଙ୍କୁ ଦର୍ଶନଦେଇଥାନ୍ତି। ପବିତ୍ରଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନପୂର୍ଣ୍ଣିମା ଅବସରରେ ଜିଲ୍ଲା ବ୍ୟାପି ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ସ୍ନାନବେଦୀରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ଖୋର୍ଦ୍ଧା ଉପକଣ୍ଠ ଜାଗୁଲେଇପାଟଣା ଠାରେ ଥିବା ଅନନ୍ତପୁରୁଷତ୍ତମ ଦେବଙ୍କ ପୂର୍ଣ୍ଣବିଗ୍ରହ(ହାତଗୋଡ ଥିବା ଠାକୁର) ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା'ଶୁଭଦ୍ରା ଓ ସୁର୍ଦ୍ଦଶନ ଭକ୍ତମାନଙ୍କୁ ସ୍ନାନବେଦୀରେ ଦର୍ଶନ ଦେଇଛନ୍ତି।

ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭୋର ୪ଟାରେ ଦ୍ୱାରଫିଟା, ୪.୩୦ରେ ମଙ୍ଗଳ ଆଳତୀ, ମଇଲମ, ଅବକାଶ, ତଡପଲାଗି, ନିତୀ ବଢି ୬ଟାରେ ଗୋପାଳବଲ୍ଲଭ ଭୋଗ ଲାଗି ହୋଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ସ୍ନାନଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସକାଳ ୮.୪୪ମି. ରେ ପହଣ୍ଡି ଆରମ୍ଭ ହୋଇ ସାଢେ ୯ଟାରେ ଚତୁର୍ଦ୍ଧା ବିଗ୍ରହ ସ୍ନାନ ମଣ୍ଡପରେ ବିଜେ କରିଥିଲେ। ପ୍ରଥମେ ଶ୍ରୀସୁଦର୍ଶନ ପରେ ବଡଭାଇ ବଳଭଦ୍ର, ଭଉଣୀ ଶୁଭଦ୍ରା ଏବଂ ଶେଷରେ ଶ୍ରୀ ଜଗନ୍ନାଥ ଧାଡି ପହଣ୍ଡିରେ ସୁନ୍ଦରଟହିଆ ପିନ୍ଧା ଯାଇ ସ୍ନାନ ବେଦିକୁ ଆଗମନ କରାଯାଇଥିଲା। ସେଠାରେ ତିନି ଠାକୁରଙ୍କ ପୂଜାଅର୍ଚ୍ଚନା କରାଯାଇଥିଲା। ଏହାପରେ କାରୁଣ୍ୟ କୁଣ୍ଡରୁ ଅଣାଯାଇଥିବା ସୁବାସିତ ଜଳରେ ତିନି ଠାକୁର ଓ ସୁର୍ଦ୍ଦଶନଙ୍କୁ ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା।ପରେ ଆଳତୀ ଓ ସଙ୍କୁଡ଼ି ଭୋଗଲାଗି କରାଯାଇଥିଲା। ଆଜି ମନ୍ଦିର ପରିସରରେ ନାମ ସଙ୍କୀର୍ତ୍ତନ, ଘଣ୍ଟଧ୍ୱନୀ, କାହାଳୀ, ମୃଦଙ୍ଗ ଓ ଭକ୍ତଙ୍କ ହୁଳହୁଳି ଦେଖିବାକୁ ମିଳିଛି।ଭଗବାନଙ୍କୁ ନିକଟରୁ ଦେଖି ଭକ୍ତ ଭାବବିହ୍ୱଳ ହୋଇଯାଇଥିଲେ।

ବିଶ୍ୱାସ କରାଯାଏ ଆଜିର ଦିନରେ ମହାପ୍ରଭୁଙ୍କୁ ଦର୍ଶନକଲେ ସହସ୍ର ଜନ୍ମର ପାପ କ୍ଷୟ ହୋଇଥାଏ।ତେଣୁ ଶ୍ରଦ୍ଧାଳୁମାନେ ଜୟଜଗନ୍ନାଥ ଧ୍ୱନୀ କରିବା ସହ ସ୍ନାନ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗକୁ ହାତଛଡା କରିନଥିବା ଦେଖିବାକୁ ମିଳିଛି। ତେବେ ସ୍ନାନଯାତ୍ରା ସୁରୁଖୁରୁରେ ସମ୍ପନ୍ନ କରାଇଥିବା ପୁରାତନ ମହନ୍ତ କମଳଲୋଚନ ଦାସ ମହାରାଜ ପ୍ରକାଶ କରିଛନ୍ତି। ରାମକୃଷ୍ଣ ଦାସ, କୃଷ୍ଣ ଦାସ, ଭକ୍ତଚରଣ ଦାସ ପ୍ରମୁଖ ସେବାୟତମାନେ ଠାକୁରଙ୍କୁ ସୁବାଶିତ ଜଳରେ ସ୍ନାନ କରାଇଥିଲେ। ତେବେ ସନ୍ଧ୍ୟାରେ ତିନି ଠାକୁର ଅଣସର ଘରକୁ ବିଜେ କରିଥିବା କାର୍ଯ୍ୟକ୍ରମ ରହିଛି ବୋଲି ପୂର୍ବତନ ସମ୍ପାଦକ ବୈକୁଣ୍ଠନାଥ ମହାପାତ୍ର କହିଛନ୍ତି।

ସେହିପରି ସ୍ଥାନୀୟ ରାଧାବଲଭ ସାହି ପରିସରରେ ଥିବା ଜଗନ୍ନାଥଙ୍କର ସ୍ନାନ ଯାତ୍ରା ସମ୍ପନ୍ନ ହୋଇଛି। ଗୁରୁଜଙ୍ଗ ଓ ଗଡଖୋର୍ଦ୍ଧାସ୍ଥିତ ଜଗନ୍ନାଥ ମନ୍ଦିର, ଦଧିମାଛଗାଡିଆସ୍ଥିତ ଜଗନ୍ନାଥ ମନ୍ଦିର ସମେତ ବହୁ



ମନ୍ଦିରରେ ମଧ ସ୍ନାନ ଯାତ୍ରା ବିଧିରକ୍ଷା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଯାଇଛି।

### ତୃତୀୟାଦେବଙ୍କ ଦେବସ୍ନାନ ଉତ୍ସବ

ବୋଲଗଡ: ବୋଲଗଡ଼ ମୁଖ୍ୟାଳୟସ୍ଥିତ ତୃତୀୟାଦେବ(ଜଗନ୍ନାଥ)ଙ୍କ ସ୍ନାନ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣ ଦ୍ୱାରପୂଜା ସୂର୍ଯ୍ୟପୂଜା ଇତ୍ୟାଦି ରୀତିନୀତି ପରେ ରତ୍ନବେଦୀରୁ ପ୍ରଥମେ ମହାରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର,ଭଗ୍ନୀ ଦେବୀ ସୁଭଦ୍ରା ଓ ପରେ କାଳିଆ ଠାକୁର ଶ୍ରୀଜଗନ୍ନାଥ ଗୋଟି ପହୁଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ସ୍ନାନ ମଣ୍ଡପରେ ମଙ୍ଗଳ ଆଳତି ନୀତି ଓ ଅନ୍ୟାନ୍ୟ ରୀତିନୀତି ସହ ମହାସ୍ନାନ,ପୂଜା ପାଠ ଆଦି ଆଡମ୍ବର ସହକାରେ ସମାପନ କରାଯାଇଥିଲା। ସନ୍ଧ୍ୟାରେ ଠାକୁରମାନଙ୍କର ନୀତି କାର୍ଯ୍ୟ ସମାପନ ପରେ ଚତୁର୍ଦ୍ଧାମୂର୍ତ୍ତୀମାନଙ୍କୁ ଧାଡି ପହୁଣ୍ଡିରେ ସେବକ ମାନେ ଅଣସରକୁ ବିଜେ କରାଇଥିଲେ। ମୁଖ୍ୟ ପଣ୍ଡା ପୂଜକ ସୂର୍ଯ୍ୟମଣି ପରମଗୁରୁଙ୍କ ସମେତ ବିଚିତ୍ରା ନନ୍ଦ ରାୟଗୁରୁ ମହାପାତ୍ର,ରଙ୍ଗଲାଲ ମହାପାତ୍ର, ସରୋଜ ମହାପାତ୍ର,କୈଳାସ ଚନ୍ଦ୍ର ଅଧିକାରୀ ମହାପାତ୍ର ଓ ଈଶ୍ୱର ମହାପାତ୍ର ପ୍ରମୁଖ ସେବକ ମାନେ ସହଯୋଗ କରିଥିଲେ।ସନ୍ଧ୍ୟାରେ ସ୍ଥାନୀୟ ବଂଶୀଧର ସଂଗୀତ ମହାବିଦ୍ୟାଳୟ ଛାତ୍ର,ଛାତ୍ରୀଙ୍କ ପକ୍ଷରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ପରିବେଷଣ ପାଇଁ ଆୟୋଜନ କରାଯାଇଛି।

### ନିରାକାରପୁର ଜଗନ୍ନାଥ ମନ୍ଦିର

ନିରାକାରପୁର: ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ଉତ୍ସବ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ନୀତିକାନ୍ତି ସହିତ କରାଯାଇଛି। ଶନିବାର ସକାଳୁ ବଳଭଦ୍ର, ସାନ ଭାଇ ଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସକାଳ ୮ ଟାରେ ସ୍ନାନ ମଣ୍ଡପରେ ଜୟ ମଙ୍ଗଳା ଆଳତୀ ପରେ ପୂର୍ବାହ୍ନ ୧୦ଟାରେ ସ୍ନାନ ବେଦୀରେ ସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସୀ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ବଲ୍ଲଭ ମଣୋହୀ ନୀତି ହୋଇ ମଧ୍ୟାହ୍ନ ରେ ମଙ୍ଗଳାର୍ପଣ କରାଯାଇଥିଲା। ଦିନ ସାଢେ ଗୋଟାଏରେ ଗଜାନନ ବା ହାତୀ ବେଶରେ ତିନି ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଦିନରେ ଖେଚୁଡ଼ୁ ଧୂପ ଅନୁଷ୍ଠିତ ହେବା ପରେ ରାତ୍ରରେ ତିନି ଠାକୁର ଅଣବସର ଘରେ ପ୍ରବେଶ କରିଛନ୍ତି ।

### ଗଜବେଶରେ ଶ୍ରୀ ରଙ୍କନାଥ ଦେବ

ବାଣପୁର: ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଭଗବତୀ ଲୀଳାକ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍କନାଥ ଦେବଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଶନିବାର ସକାଳେ ଶ୍ରୀ ବିଗ୍ରହମାନଙ୍କୁ ଧାଡି ପହଣ୍ଡିରେ ସ୍ନାନ ବେଦୀରେ ବିଜେ କରାଯାଇଥିଲା। ଶ୍ରୀଅଙ୍ଗରେ ବିଭିନ୍ନ ପ୍ରକାର ସୁବାସିତ ଦ୍ରବ୍ୟ ଲେପନ କରାଯାଇ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସୁବାସିତ ୧୦୮ କଳସ ଜଳରେ ସ୍ନାନ କରାଯିବା ପରେ ପାରମ୍ପରିକ ରୀତି ନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉମାନେ ଗଜ ବେଶରେ ସୁସଜ୍ଜିତ ହୋଇ ଅଗଣିତ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ରାତ୍ରରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ବାହୁଡା ପହଣ୍ଡି କରାଯାଇ ଅଣସର ପିଣ୍ଡିରେ ବିଜେ କରାଯାଇଥିଲା। ଏହି ଅଣସର ଘରେ ଆଗାମୀ ୧୫ ଦିନ ଧରି ଗୋପନ ରୀତିରେ ଅସୁସ୍ଥ ହୋଇ ପଡିଥିବା ଠାକୁରମାନଙ୍କ ଜ୍ୱରର ନିଦାନ ତଥା ଚିକିତ୍ସା କରାଯିବ। ଉତ୍ସବରେ ପୂଜକ ସତ୍ୟଶିବ ତ୍ରିପାଠୀ ସମସ୍ତ ନୀତି କାନ୍ତ କରୁଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ ଦେବଦତ୍ତ ପାଣି, ଦାସରଥି ସାହୁ, ସୋମନାଥ ହୋତା ଓ ବାଳମୁକୁନ୍ଦ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନୁରୂପ ଭାବେ ବଡହନୁଆଡ ସ୍ଥିତ ଶ୍ରୀଚରଣ ଚକାଦେବ, ଭୀମପୁରର ଅନନ୍ତସ୍ୱାମୀ, ପତିତପାବନ ଦେବ ଓ ବଡକୂଳ ସ୍ଥିତ ଶ୍ରୀଜଗନ୍ନାଥ ପୀଠ ଓ ବାଲୁଗାଁ ସାମନ୍ତରାପୁର ଦଧିବାମନ ଦେବଙ୍କ ପୀଠ ଆଦି ବିଭିନ୍ନ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉମାନଙ୍କୁ ଗଜ ବେଶରେ ଦର୍ଶନ କରିବାଲାଗି ଭକ୍ତମାନଙ୍କ ଭିଡ ଲାଗିରହିଥିଲା।

